


ଟୀପ୍‌ପଣୀ

ମାଧ୍ୟମରେ ରାଷ୍ଟ୍ର, ନିଜର ଲକ୍ଷ୍ୟକୁ ପ୍ରାପ୍ତ କରିଥାଏ । ଏହିଭଳି, ସମରୂପତା (Uniformity) ଓ ଆଇନ-ଅନୁପାଳନୀୟତା (Conformity) ସୁନିଶ୍ଚିତ କରି ସାମାଜିକ ବ୍ୟବହାରକୁ ନିୟନ୍ତ୍ରିତ ତଥା ସଂଚାଳିତ କରିଥାଏ ।

**ଆଇନ ଓ ପ୍ରଥା ମଧ୍ୟରେ ପ୍ରଭେଦ ।** ଆଇନ ଓ ପ୍ରଥା ମଧ୍ୟରେ ନିମ୍ନୋକ୍ତ ପ୍ରଭେଦ ମାନ ରହିଛି -

(୧) ଆଇନରେ ବଳ-ପ୍ରୟୋଗର ଲକ୍ଷଣ ନିହିତଥାଏ । ସେଥିପାଇଁ ଏହା ବ୍ୟକ୍ତି ଓ ସମୁହକୁ ଏକ ନିର୍ଦ୍ଦିଷ୍ଟ ଦିଗରେ କାର୍ଯ୍ୟ କରିବାକୁ ବାଧ କରିଥାଏ । ଅନ୍ୟ ପକ୍ଷରେ ପ୍ରଥା ମାନଙ୍କୁ ଆଦର ସମ୍ମାନ କରାଯାଏ ଓ ସେମାନେ ପ୍ରଚଳିତ ରହନ୍ତି କାରଣ ଏ କ୍ଷେତ୍ରରେ ପରଂପରାର ପବିତ୍ରତା ଓ ଏହା ସହିତ ଜଡ଼ିତ ସାମାଜିକ ସ୍ୱୀକୃତି କାର୍ଯ୍ୟ କରିଥାଏ ।


(୨) ପ୍ରଥାମାନେ କେବଳ ନିର୍ଦ୍ଦିଷ୍ଟ ଭାବରେ କେତେକ ସ୍ୱତନ୍ତ୍ର ସମୁହ, କୁଳ ଓ ଗୋତ୍ର କ୍ଷେତ୍ରରେ ପ୍ରଯୁକ୍ତ ହେଲା ବେଳେ, ଆଇନର ଏକ ସର୍ବ ବ୍ୟାପକତା ଓ ସାଧାରଣ ଭାବେ ସମସ୍ତଙ୍କ ପାଇଁ ଲାଗୁହେଲା ଭଳି ଲକ୍ଷଣ ଥାଏ ।

(୩) ଆଇନର ଉଲ୍ଲଙ୍ଘନରେ ରାଷ୍ଟ୍ର ଦ୍ୱାରା ଦଣ୍ଡର ବ୍ୟବସ୍ଥା ଥାଏ । କିନ୍ତୁ ପ୍ରଥାର ଅସମ୍ମାନକୁ ଟାହିଟପରା, ନାକଟେକିବା ତଥା ସମାଲୋଚନା ମାଧ୍ୟମରେ ନାପସନ୍ଦ କରାଯାଏ । ତେବେ ପ୍ରଥାର ଉଲ୍ଲଙ୍ଘନରେ ସୀମା ବାହାରକୁ ଗଲେ ସମାଜରୁ ବାସନ୍ଦ ମଧ୍ୟ କରାଯାଇଥାଏ ।

(୪) ଆଇନର ଉତ୍ପତ୍ତି ଏକ ନିକଟ ଅତୀତର ଘଟଣା ଅଟେ ଓ ଏହା ରାଷ୍ଟ୍ର, ଏହା ସହିତ ସଂପୃକ୍ତ ଅନୁଷ୍ଠାନମାନଙ୍କ ସହିତ ଜଡ଼ିତ । ତେବେ ପ୍ରଥାମାନେ କୌଣସି ନା କୌଣସି ସ୍ୱରୂପରେ ସବୁ ସମୟରେ ଓ ସବୁ ସମାଜରେ ଅସ୍ତିତ୍ୱରେ ରହିଥା'ନ୍ତି ।

ଆଧୁନିକ ରାଜ୍ୟ ଓ ରାଷ୍ଟ୍ରମାନଙ୍କର ଅଭ୍ୟୁଦୟ ଫଳରେ ସେମାନଙ୍କ ମଧ୍ୟରେ ରାଜନୈତିକ ବାଣିଜ୍ୟିକ, ସାମରିକ ସଂପର୍କ ସ୍ଥାପନ ଆବଶ୍ୟକ ହୋଇପଡ଼ିଛି । ଏଥିପାଇଁ ଆର୍ନ୍ତଜାତୀୟ ଆଇନ ସବୁ ପ୍ରଣୀତ ହୋଇଛି, ଯାହାକି ବିଶ୍ୱବ୍ୟବସ୍ଥାକୁ ଶୃଙ୍ଖଳିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଯେପରି ରାଷ୍ଟ୍ରୀୟ ଆଇନମାନେ ନିଜ ଦେଶର ସୀମା ମଧ୍ୟରେ ବ୍ୟବସ୍ଥା ଓ ଶୃଙ୍ଖଳା ରକ୍ଷା କରନ୍ତି, ସେହିପରି ଆନ୍ତର୍ଜାତୀୟ ଆଇନମାନେ ଦେଶ-ଦେଶ ମଧ୍ୟରେ ଶୃଙ୍ଖଳିତ ବ୍ୟବହାରକୁ ସୁନିଶ୍ଚିତ କରନ୍ତି ।

୨. **ଶିକ୍ଷା (Education) :** ଆଇନ ସହିତ, ଶିକ୍ଷା ମଧ୍ୟ ସାମାଜିକ ନିୟନ୍ତ୍ରଣର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ । ଏହା ପିଲାଙ୍କୁ ସାମାଜିକ ଜୀବନ ପାଇଁ ପ୍ରସ୍ତୁତ କରିବା ସଙ୍ଗେ ସଙ୍ଗେ ଶୃଙ୍ଖଳା, ସହଯୋଗ, ସହିଷ୍ଣୁତା ଓ ସଦ୍ଭାବନା ଇତ୍ୟାଦି ମୂଲ୍ୟବୋଧର ଶିକ୍ଷା ଦେଇଥାଏ । ସମସ୍ତ ସ୍ତରର ଶିକ୍ଷାନୁଷ୍ଠାନ (ଅର୍ଥାତ୍ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟ) ଜ୍ଞାନ ପ୍ରଦାନ ସଙ୍ଗେ ସଙ୍ଗେ ଔପଚାରିକ ଢାଞ୍ଚାର ପାଠ୍ୟକ୍ରମ ତଥା ବ୍ୟାବହାରିକ ଶିକ୍ଷା ମାଧ୍ୟମରେ ନୈତିକତାର ଶିକ୍ଷା ଦେଇଥା'ନ୍ତି । ଭିନ୍ନ ଭିନ୍ନ ସମାଜର ଶିକ୍ଷା ବ୍ୟବସ୍ଥାର ବେଗ ପରିବର୍ତ୍ତନଶୀଳ ସାମାଜିକ ଲୋକାଚାର, ବିକାଶର ସ୍ତର ଓ ସାମାଜିକ ଆବଶ୍ୟକତା ଉପରେ ନିର୍ଭର କରିଥାଏ । ଏଣୁ, ପୁରାତନ ଭାରତୀୟ ସମାଜରେ ଧାର୍ମିକ ଗ୍ରନ୍ଥ, ଦର୍ଶନ ତଥା ଆଧ୍ୟାତ୍ମର ଅଧ୍ୟୟନ ଉପରେ ଗୁରୁତ୍ୱ ଦିଆଯାଉଥିଲା । ତେବେ ସାମାଜିକ ବିକାଶ ହେବା କାରଣରୁ ଏହି ସବୁଥିରୁ ଧ୍ୟାନ ହଟିଯାଇ ପରିଚାଳନା ଦକ୍ଷତା ବୃଦ୍ଧିକାରୀ ଶିକ୍ଷା ଉପରେ କେନ୍ଦ୍ରିତ ହେଲା ଓ ଏହି ପରିଚାଳନା ଦକ୍ଷତା (Managerial Skill) ସଂପର୍କୀୟ ଶିକ୍ଷାର ଆବଶ୍ୟକତା ଆଶାତୀତ ଭାବରେ ବୃଦ୍ଧି ପାଇଲା ।



**ଶିକ୍ଷାର ଏକ ମାଧ୍ୟମ ହିସାବରେ ବିଦ୍ୟାଳୟ**

ସ୍କୁଲମାନଙ୍କରେ ଆମର ଇତିହାସ, ସଂସ୍କୃତି, ଐତିହ୍ୟ, ପ୍ରତିମାନ ଓ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଆଯିବା ସଙ୍ଗେ ସଙ୍ଗେ ଗଣତନ୍ତ୍ର, ଧର୍ମନିରପେକ୍ଷତା, ସମାନତା ରାଷ୍ଟ୍ରୀୟ ଲକ୍ଷ୍ୟ ସବୁକୁ ଶିକ୍ଷାର୍ଥୀମାନଙ୍କୁ ପଢାଯାଏ ।

ବିଦ୍ୟାର୍ଥୀମାନଙ୍କ ମନରେ, ଉତ୍ତମ ନୈତିକ ଆଚରଣ ନୈତିକତା, ଶୃଙ୍ଖଳା ଓ ସାମାଜିକ ଶିଷ୍ଟାଚାର ପ୍ରଭୃତିର ଧାରଣା ଉଦ୍ରେକ କରାଇ, ଶିକ୍ଷା ବ୍ୟବସ୍ଥା ନିଜର ଭୂମିକା (ସାମାଜିକ ନିୟନ୍ତ୍ରଣର ଏକ କାରକ ଭାବେ) ଉତ୍ତମ ଭାବରେ ନିର୍ବାହ କରିଥାଏ ।

୩. **ରାଷ୍ଟ୍ର (State) :** ସାମାଜିକ ନିୟନ୍ତ୍ରଣକୁ ଲାଗୁ କରିବାରେ ରାଷ୍ଟ୍ରର ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ରହିଛି । ସମାଜବିଜ୍ଞାନୀମାନେ ରାଷ୍ଟ୍ରର ପରିଭାଷା ଦେବାକୁ ଯାଇ କହିଛନ୍ତି- "ଏହା ସମାଜ ବ୍ୟବସ୍ଥା ଓ ସୁରକ୍ଷାକୁ ଅବ୍ୟାହତ ରଖିବା ପାଇଁ ପ୍ରାଥମିକ ଭାବରେ ନିର୍ମିତ ସେହି ସଂଘ, ଯିଏକି ନିଜ ସୀମା ମଧ୍ୟରେ ସାର୍ବଭୌମ ଅଧିକାର ପ୍ରୟୋଗ କରିଥାଏ, ଶକ୍ତିଶାଳୀ ଆଇନ ଦ୍ୱାରା ସମର୍ଥିତ ହୋଇଥାଏ ଓ ଏକ ସାର୍ବଭୌମ କର୍ତ୍ତା ଭାବରେ ସ୍ୱୀକୃତ ହୋଇଥାଏ ।"

ରାଷ୍ଟ୍ର, ସରକାର ମାଧ୍ୟମରେ କାର୍ଯ୍ୟ କରିଥାଏ । ଆଧୁନିକ ରାଷ୍ଟ୍ରମାନେ ଜନକଲ୍ୟାଣକାରୀ ରାଷ୍ଟ୍ର ହେବାକୁ ଉଦ୍ୟମ କରିଥା'ନ୍ତି । ଅର୍ଥାତ୍ ସେମାନେ ନିଜର ନାଗରିକମାନଙ୍କୁ ଏକ ବ୍ୟାପକ ସ୍ତରର ସାମାଜିକ ସେବା, (ଯଥା- ଶିକ୍ଷା, ସ୍ୱାସ୍ଥ୍ୟ ସୁବିଧା, ବୃଦ୍ଧାବସ୍ଥା ପେନ୍‌ସନ, ବେକାରୀ ଭତ୍ତା ଇତ୍ୟାଦି) ପ୍ରଦାନ କରିଥା'ନ୍ତି । ଏହିସବୁ କାର୍ଯ୍ୟ ବ୍ୟକ୍ତିଗତ ତଥା ସାମୁହିକ ଉଦ୍ୟମ, ସ୍ୱେଚ୍ଛାସେବୀ ସଂଗଠନର ସାହାଯ୍ୟ ତଥା ଅନ୍ୟ ଅନୁଷ୍ଠାନମାନଙ୍କର ମିଳିତ ଉଦ୍ୟମରେ ସଫଳ ହୋଇଥାଏ । ଉଦାହରଣ ସ୍ୱରୂପ ପଲ୍ସ-ପୋଲିଓ ଟୀକାକରଣ ଯୋଜନାମାନଙ୍କୁ ଗଣମାଧ୍ୟମ, ଯେପରିକି ରେଡ଼ିଓ, ଟିଭି, ଏବଂ ପୋଷ୍ଟର ତଥା ଶିକ୍ଷାନୁଷ୍ଠାନମାନଙ୍କର ପ୍ରତ୍ୟକ୍ଷ ସହଯୋଗରେ ସଫଳତାର ସହ-କାର୍ଯ୍ୟକାରୀ କରାଯାଉଛି । ଏହି ସବୁ ଉଦ୍ୟମ ଦ୍ୱାରା ଜନ ସାଧାରଣଙ୍କୁ ସରକାରୀ ଯୋଜନାର ସୁଫଳ ମିଳିପାରୁଛି । ଏହି ଉପରୋକ୍ତ ପରିପ୍ରେକ୍ଷୀରେ ରାଷ୍ଟ୍ର ଏକ ଅନୌପଚାରିକ ସାମାଜିକ ନିୟନ୍ତ୍ରଣର ମାଧ୍ୟମ ଭାବରେ କାର୍ଯ୍ୟ କରୁଛି ଓ ବଳ-ପ୍ରୟୋଗକୁ ଏଡ଼ାଇ ଦିଆଯାଇ ପାରୁଛି ।

ତେବେ ଅନ୍ୟ କେତେକ କାର୍ଯ୍ୟ କ୍ଷେତ୍ରରେ ଯେପରିକି ଆଇନ ଶୃଙ୍ଖଳା ରକ୍ଷା, ରାଷ୍ଟ୍ରିୟ ନିରାପତ୍ତା, ସୁରକ୍ଷା, ବୈଦେଶିକ ବ୍ୟାପାର, ମୁଦ୍ରା ଇତ୍ୟାଦି ବିଷୟରେ ରାଷ୍ଟ୍ରକୁ ସାମାଜିକ ନିୟନ୍ତ୍ରଣର ଏକ



ଟୀପ୍ପଣୀ

ଔପଚାରିକ ମାଧ୍ୟମ ଭାବରେ ହସ୍ତକ୍ଷେପ କରିବାକୁ ପଡ଼େ ଓ ସମୟ ସମୟରେ ବଳ ପ୍ରୟୋଗର ସାହାଯ୍ୟ ମଧ୍ୟ ନେବାକୁ ପଡ଼ିଥାଏ ।

ଭାରତର ସଂଘୀୟ ରାଜନୈତିକ ବ୍ୟବସ୍ଥା ଓ ସରକାରର ସଂରଚନା, ବିଭିନ୍ନ ସ୍ତର, ଯେପରିକି ଗ୍ରାମ, ବ୍ଲକ, ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ପ୍ରତିଫଳିତ ହୋଇଛି । ଏହି ସମସ୍ତ ସ୍ତରରେ ସ୍ୱତନ୍ତ୍ର ଅଧିକାରୀ ମାନେ ଆଇନ ଓ ନୀତିନିୟମକୁ ଲାଗୁ କରିଥାନ୍ତି । ଆଧୁନିକ ସମାଜରେ ରାଷ୍ଟ୍ର, ସାମାଜିକ ନିୟନ୍ତ୍ରଣର ଏକ ଔପଚାରିକ ମାଧ୍ୟମ ହିସାବରେ ଏକ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ଅଧିକାର କରିଛି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୦.୫

ଏକ ବାକ୍ୟରେ ଉତ୍ତର ଦିଅ

୧. ଆମେ ଆଇନକୁ କାହିଁକି ମାନୁ ?

______________________________

୨. ଆଇନର ଦୁଇଟି ସ୍ରୋତର ନାମ ଲେଖ ?

______________________________

୩. ସରକାର କହିଲେ କ'ଣ ବୁଝ ?

______________________________

୪. ଆଇନ ଓ ପ୍ରଥା ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ?

______________________________

## ୨୦.୬ ସାମାଜିକ ନିୟନ୍ତ୍ରଣର ଏଜେନ୍ସି/ବାହକ-ପରିବାର, ପଡ଼ୋଶୀ ଓ ଜନମତ (Agencies of Social Control- Family, Neighbourhood and Public Opinion)

### ୧. ପରିବାର (Family) :

ଏକ ପିଲା ତାର ବଂଶ ତଥା ତାର ପରିବେଶରୁ ସୃଷ୍ଟି ହୋଇଥାଏ । ସେ ତାର କେତେକ ଅନ୍ତର୍ନିହିତ ସାମର୍ଥ୍ୟ କୁ ନେଇ ଜନ୍ମ ହୋଇଥାଏ । ଯାହା ପରିବେଶ ଅନୁଯାୟୀ ବଢିଥାଏ ବା ସଂକୁଚିତ ହୋଇଥାଏ । ଏହି କ୍ଷେତ୍ରରେ ତାର ସ୍ଥିତି ଏକ ଫୁଲର ସ୍ଥିତି ସହିତ ତୁଳନୀୟ । ଉପଯୁକ୍ତ ଯତ୍ନ ଓ ପୋଷଣ ଦ୍ୱାରା ଏହା ପ୍ରସ୍ଫୁଟିତ ହୋଇଥାଏ ଓ ଏହାର ଅଭାବରେ ଫୁଲଟି ମଉଳି ଯାଇଥାଏ ।

ପରିବାର ହେଉଛି ସାମାଜିକ ନିୟନ୍ତ୍ରଣର ଏକ ସବୁଠାରୁ ଶକ୍ତିଶାଳୀ ମାଧ୍ୟମ । ପ୍ରତ୍ୟେକ ପିଲା ତାର ନିକଟତମ ପରିବେଶରୁ ଶିକ୍ଷା ପାଇଥାଏ, ଯାହାକି ପ୍ରଥମେ ପରିବାର ପ୍ରଦାନ କରିଥାଏ । ଶିଷ୍ଟାଚାର, ଅଭ୍ୟାସ, ଓ ମନୋବୃତ୍ତି ଇତ୍ୟାଦି ସର୍ବ ପ୍ରଥମେ ନିଜର ନିକଟସ୍ଥ "ଭୂମିକା-ଆଦର୍ଶ" (Role-model)







ଠାରୁ ଶିକ୍ଷା କରାଯାଇଥାଏ । ଏହି ସର୍ବ ପ୍ରଥମ ଭୂମିକାଆଦର୍ଶମାନେ ହେଲେ- ପିତାମାତା, ଭାଇଭଉଣୀ ଜ୍ଞାତି ସମ୍ମୁହ ଇତ୍ୟାଦି । ସମୁହର ପ୍ରତିମାନ, ମୂଲ୍ୟବୋଧ, ପରଂପରା ଓ ପ୍ରଥା ସହିତ ପିଲାର ସାମାଜିକ ପରିଚୟ ପରିବାର ଦ୍ୱାରା ହିଁ କରାଯାଇଥାଏ । ତେଣୁ ପିଲାର ବ୍ୟକ୍ତିତ୍ୱ କୁ ରୂପରେଖ ଦେବାରେ ପରିବାରର ଶକ୍ତିଶାଳୀ ଭୂମିକା ଥାଏ ।


ଗାଁରେ ଜଣେ ବ୍ୟକ୍ତିର ପ୍ରସ୍ଥିତି ତାର ପାରିବାରିକ ପ୍ରସ୍ଥିତି ସହିତ ସଂଶ୍ଳିଷ୍ଟ ଥାଏ । ଘରର ବୟୋଜ୍ୟେଷ୍ଠ ସଦସ୍ୟମାନେ ବ୍ୟକ୍ତିର ବ୍ୟକ୍ତିତ୍ୱରୁ ରୂପରେଖ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥା'ନ୍ତି । ଏହା ବ୍ୟକ୍ତିର ଚିନ୍ତାଧାରା, ମନୋବୃତ୍ତି, ଅଭିରୁଚି ଓ ଜୀବନ ଶୈଳୀରେ ପ୍ରତିଫଳତି ହୋଇଥାଏ । ବିବାହ, ଅଧିକାଂଶ କ୍ଷେତ୍ରରେ ବରିଷ୍ଠ ସଦସ୍ୟମାନଙ୍କ ଦ୍ୱାରା ସ୍ଥିରିକୃତ ହୋଇଥାଏ ଓ ବିବାହକୁ ଦୁଇ ବ୍ୟକ୍ତିଙ୍କ ମିଳନ ଠାରୁ ଦୁଇ ପରିବାର ମଧ୍ୟରେ ଏକ ବନ୍ଧନ ଭାବରେ ଅଧିକ ଗ୍ରହଣ କରାଯାଏ ।

ସହରମାନଙ୍କରେ ମଧ୍ୟ ପରିବାର ବ୍ୟକ୍ତିତ୍ୱ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ତେବେ ଔଦ୍ୟୋଗିକିକରଣ, ସୀମିତ ଆୟ ଓ ବାସସ୍ଥାନ ର ଅଭାବ ଇତ୍ୟାଦି ଏକକ ପରିବାରକୁ ଅବ୍ୟାହତ ରଖିବାରେ ଅବଦାନ ଦେଉଛନ୍ତି । ଏହା ଗ୍ରାମର ସ୍ଥିତି ଠାରୁ ବହୁତ ଭିନ୍ନ । ତେଣୁ, ପରିବାରମାନେ ନିଜ ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ଏହା ଫଳରେ ସାମୁହିକ ସ୍ୱାର୍ଥ, (ଯାହାକୁ ଗାଁରେ ସାଧାରଣ ଭାବରେ ଗ୍ରହଣ କରାଯାଏ), ତୁଳନାରେ ବ୍ୟକ୍ତିବାଦକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ପରିବାର ଦ୍ୱାରା କରାଯାଉଥିବା ସାମାଜିକୀକରଣ କାର୍ଯ୍ୟ ଅନ୍ୟାନ୍ୟ ଗୌଣ ଅନୁଷ୍ଠାନମାନଙ୍କ ଦ୍ୱାରା ସମର୍ଥିତ ହେଉଛି । ଏହି ସବୁ ଅନୁଷ୍ଠାନମାନେ ହେଲେ ଶ୍ରେଣୀକକ୍ଷ, ଖେଳ ପଡ଼ିଆ, ସାଙ୍ଗସାଥୀ ସମୁହ ଏବଂ ଗଣମାଧ୍ୟମ, ସହରରେ ବ୍ୟକ୍ତି ତାର ନିଜର ଉଦ୍ୟମ ଓ ପାରିପାରିକ ସ୍ଥିତିରୁ ତାର ନିଜର ସାମାଜିକ ସ୍ଥିତି ହାସଲ କରିଥାଏ । ସହରରେ ମଧ୍ୟ ସ୍ଥିରିକୃତ ବିବାହ ହୋଇଥାଏ ଓ ଘରର ବରିଷ୍ଠ ସଦସ୍ୟ ମାନେ ବିବାହ ସ୍ଥିର କରିବାରେ ସେମାନଙ୍କର ଦାୟିତ୍ୱ ତୁଲାଇଥାନ୍ତି । ତେବେ ବିବାହ ପାଇଁ ପୁଅଝିଅଙ୍କର ମତାମତ କୁ ମଧ୍ୟ ଗୁରୁତ୍ୱ ଦିଆଯାଏ । ସଂପ୍ରତି ଜାତି, ଧର୍ମ ନିର୍ବିଶେଷରେ ମଧ୍ୟ ବିବାହ ସଂଘଟିତ ହେଉଛି । ପ୍ରକାରାନ୍ତରେ ଜାତି ଓ ଧର୍ମ ବାହାରେ କରାଯାଉଥିବା ବିବାହର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି । ତେବେ ଏହିସବୁ ବିବାହ କ୍ଷେତ୍ରରେ ଅଧିକାଂଶ ବିବାହ ଭଙ୍ଗ ଓ ଛାଡ଼ ପତ୍ର ମଧ୍ୟ ସୃଷ୍ଟି ହେଉଛି କାରଣ, ଉଭୟ ପୁଅ ଓ ଝିଅଙ୍କର ପରିବାରର ସମର୍ଥନ ଓ ମାନସିକ ସହଯୋଗ ମିଳିନଥାଏ । ତେବେ ଗ୍ରାମ୍ୟ ପରିବେଶରେ ବିବାହ କ୍ଷେତ୍ରରେ ଏହି ସବୁ ସମସ୍ୟା ଦେଖା ଦେଇ ନଥାଏ କାରଣ ସେଠାରେ ପରିବାରର ଶକ୍ତିଶାଳୀ ପ୍ରଭାବରେ ସଂଘର୍ଷ ପରିସ୍ଥିତିରୁ ମୁକ୍ତି ମିଳିଥାଏ ।

### ୨. ପଡ଼ୋଶୀ (Neighbourhood)

ଗାଁମାନଙ୍କରେ ପଡ଼ୋଶୀ କହିଲେ ସାଧାରଣତଃ ସମଜ୍ଞାତି ତଥା ସମ ଜାତିର ଲୋକଙ୍କୁ ବୁଝାଇଥାଏ । ତେଣୁ ସେମାନଙ୍କ ମଧ୍ୟରେ ଅନୌପଚାରିକ ଓ ଘନିଷ୍ଠ ସମ୍ପର୍କ ଥାଏ । ପାଖ ପଡ଼ୋଶୀମାନଙ୍କ ସହିତ ଦୂରସ୍ଥ ପଡ଼ୋଶୀମାନଙ୍କ ସହିତ ମଧ୍ୟ ଦୃଢ଼ବନ୍ଧନ ରହିଥାଏ । ଉଦାହରଣସ୍ୱରୂପ ଏକ ପରିବାରର ଜ୍ୱାଇଁ, ସମଗ୍ର ସମୂହ ତଥା ଗାଁର ମଧ୍ୟ ଜ୍ୱାଇଁ ହୋଇଥାଏ ।

କିନ୍ତୁ ଏହାର ବିପରୀତ, ସହରରେ ପଡ଼ୋଶୀମାନଙ୍କର କେବଳ ଔପଚାରିକ ସଂପର୍କ ଥାଏ । ସମୟ ସମୟରେ ସେମାନଙ୍କ ମଧ୍ୟରେ ଖାପଛଡ଼ା ଆନ୍ତଃ କ୍ରିୟା ହୋଇଥାଏ । ବଡ଼ ବଡ଼ ସହରରେ ପଡ଼ୋଶୀ ସଂପର୍କ ନ ଥାଏ କହିଲେ ଚଳେ । ସେଠାରେ ପଡ଼ୋଶୀମାନଙ୍କ ମଧ୍ୟରେ ଆନ୍ତଃକ୍ରିୟା ହୁଏ ନାହିଁ ।



ଟୀପ୍ପଣୀ

ତେଣୁ ଗାଁର ପଡ଼ୋଶୀମାନେ ଏକ ପରିବାରର ଦୈନନ୍ଦିନ କାର୍ଯ୍ୟକଳାପରେ ଉତ୍ସାହ ସହିତ ଭାଗ ନିଅନ୍ତି । ଏହି ପ୍ରକାରରେ ସେମାନେ ନିଜର ସାମାଜିକ ନିୟନ୍ତ୍ରଣର ଦାୟିତ୍ୱ ନିର୍ବାହ କରନ୍ତି । ଏହା ରୀତିନୀତି, ନିୟମ ଓ ପ୍ରତିମାନର ଅନୁପାଳନୀୟତା କୁ ରକ୍ଷା କରନ୍ତି ଓ ବ୍ୟତିକ୍ରମ ଆଚରଣ (Deviant behaviour) କୁ ମଧ୍ୟ ସଠିକ୍ କହିବାକୁ ଚେଷ୍ଟା କରନ୍ତି । ଉଦାହରଣ ସ୍ୱରୂପ ବୃଦ୍ଧ ବାପା-ମା'ଙ୍କର ଯତ୍ନ ନେଉ ନଥିବା ପୁଅକୁ ଗାଁମାନଙ୍କରେ ଟାହି ଟାପରା ଓ ସମାଲୋଚନା କରାଯାଏ ।

ସହରମାନଙ୍କରେ ବ୍ୟକ୍ତି ବ୍ୟବହାରକୁ ସେତେ ଟିକିନିଖି ନିୟନ୍ତ୍ରଣ ନ କଲେ ମଧ୍ୟ, ଯେଉଁ ବ୍ୟକ୍ତିଗତ କ୍ରିୟାକଳାପ ସମୁଦାୟକୁ ପ୍ରଭାବିତ କରେ, ସେହି ସବୁ କ୍ରିୟା କଳାପକୁ ପଡ଼ୋଶୀମାନେ ଗଭୀରଭାବେ ନିରୀକ୍ଷଣ କରିଥାଆନ୍ତି । ଯେମିତିକି ରାସ୍ତାରେ ଅଳିଆ ଆବର୍ଜନା ପକାଇବା ଲୋକଙ୍କୁ ପଡ଼ୋଶୀମାନେ ସମାଲୋଚନା କରିଥାଆନ୍ତି ।

**୩. ଜନମତ (Public Opinion)**

ସମଗ୍ର ସମୁଦାୟକୁ ପ୍ରଭାବିତ କରୁଥିବା ପ୍ରସଙ୍ଗଗୁଡ଼ିକ ଉପରେ ଲୋକମାନଙ୍କର ମତାମତର ସମଷ୍ଟିକୁ ଜନମତ କୁହାଯାଏ ।

ଖବରକାଗଜ, ରେଡ଼ିଓ, ଟେଲିଭିଜନ, ଗତିଶୀଳ ଚିତ୍ର, ବିଧେୟକ, ପ୍ରଚାରପତ୍ର ତଥା ବ୍ୟକ୍ତିର ନିଜ ମୁହଁରୁ ବାହାରିଥିବା କଥା ସବୁ ଜନମତକୁ ରୂପରେଖ ଦେଇଥାଆନ୍ତି । ଦୂରନ୍ତ ଗ୍ରାମ୍ୟ ସମୁଦାୟ, ଯେଉଁମାନଙ୍କର ଟେଲିଭିଜନ ଓ ଖବର କାଗଜ ପାଇବାର ସୁଯୋଗ ନ ଥାଏ ସେମାନେ ଗପସପ ମାଧ୍ୟମରେ ନିଜ ଚାରିପଟେ ଘଟୁଥିବା ଘଟଣା ବିଷୟରେ ଜ୍ଞାନ ଆହରଣ କରିଥାଆନ୍ତି ଓ ବିଭିନ୍ନ ପ୍ରସଙ୍ଗ ଉପରେ ସେମାନଙ୍କର ମତାମତ ରଖିଥାଆନ୍ତି । ତେବେ ଦୂରସ୍ଥାନମାନଙ୍କରେ ଘଟୁଥିବା ଘଟଣା ବିଷୟରେ ଜଣାଇବା ଦ୍ୱାରା ରେଡ଼ିଓର ମହତ୍ତ୍ୱ ମଧ୍ୟ ବୃଦ୍ଧି ପାଇଛି । କେତେକ କ୍ଷେତ୍ରରେ ମଧ୍ୟ ସାମୁହିକ ଖବର କାଗଜ ପଠନକୁ ପ୍ରୋତ୍ସାହିତ କରାଯାଏ । ବିଳମ୍ବରେ ହେଲେ ମଧ୍ୟ ନିକଟ ଅବର୍ତ୍ତମାନରେ ଗାଁରେ ମଧ୍ୟ ଟେଲିଭିଜନକୁ ବ୍ୟବହାର କରାଯାଉଛି । ସ୍ୱାଧୀନୋତ୍ତର ଭାରତରେ ଭୋଟଦାନର ପ୍ରଚଳନ, ପଞ୍ଚାୟତି ରାଜ ସଂସ୍ଥାମାନେ ତଥା ଯୋଜନା କୃତ ବିକାଶ ପ୍ରକ୍ରିୟା, ଏମାନେ ସମସ୍ତେ ଗାଁମାନଙ୍କୁ ଭାରତୀୟ ରାଜନୈତିକ ବ୍ୟବସ୍ଥା ତଥା ଅର୍ଥନୀତି ସହିତ ପରିଚୟ କରାଇଥାଆନ୍ତି ।


ସହରମାନଙ୍କରେ ଛାପା-ଗଣମାଧ୍ୟମ ତଥା ଦୃଶ୍ୟ-ଶ୍ରାବ୍ୟ ଗଣମାଧ୍ୟମମାନେ ଜନମତକୁ ରୂପରେଖ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଆନ୍ତି । ଯେହେତୁ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ, ଖବର କାଗଜଠାରୁ ଅଧିକ ଶକ୍ତିଶାଳୀ ମାଧ୍ୟମ ଅଟେ, ସେହି ହେତୁରୁ ଖବରକାଗଜ ଅପେକ୍ଷା ଟେଲିଭିଜନ ବର୍ତ୍ତମାନ ଅଧିକ ଦୃଷ୍ଟି ଆକର୍ଷଣ କରିଛି । ତେବେ ଶିକ୍ଷିତ ବ୍ୟକ୍ତିଙ୍କ ସମୁହରେ ଏବେ ମଧ୍ୟ ଖବରକାଗଜ ଜନମତକୁ ପ୍ରଭାବିତ କରୁଛି ।

## ପାଠ୍ୟଗତ ପ୍ରଶ୍ନାବଳୀ ୨୦.୬

୧. ଶୂନ୍ୟସ୍ଥାନ ପୂରଣ କର :

(କ) ପରିବାର ପିଲାର ବିକାଶରେ ________ ଭୂମିକା ଗ୍ରହଣ କରିଥାଏ ।

(ଖ) ସହରମାନଙ୍କରେ ପରିବାରର ସାମାଜିକୀକରଣ କାର୍ଯ୍ୟକୁ ________ ଅନୁଷ୍ଠାନମାନେ ସମର୍ଥନ କରିଥାନ୍ତି ।



ଟୀପ୍ପଣୀ

(ଗ) ସହରାଞ୍ଚଳରେ ଜଣେ ବ୍ୟକ୍ତି ନିଜର ସାମାଜିକ ପ୍ରସ୍ଥିତିକୁ ମୁଖ୍ୟତଃ ________ ଠାରୁ ପାଇଥାଏ ।

୨. ଏକ ବାକ୍ୟରେ ଉତ୍ତର ଦିଅ ।

(କ) ଜନମତ କ'ଣ ?

(ଖ) ଜନମତର ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ସବୁ କିଏ ?

## କ'ଣ ଶିଖିଲେ

- ବ୍ୟକ୍ତିମାନଙ୍କୁ ସାମାଜିକ ପ୍ରତିମାନର ଅନୁପାଳନ କରାଇବା ପାଇଁ ସାମାଜିକ ନିୟନ୍ତ୍ରଣ ମାଧ୍ୟମରେ ସେମାନଙ୍କ ବ୍ୟବହାରକୁ ନିୟନ୍ତ୍ରଣ କରାଯାଏ ।
- ଲୋକରୀତି, ଲୋକାଚାର, ପ୍ରଥା ଓ ଧର୍ମ ଇତ୍ୟାଦି ଅନୌପଚାରିକ ନିୟନ୍ତ୍ରଣ ମାଧ୍ୟମରେ ସମାଜ, ସାମାଜିକ ଶୃଙ୍ଖଳା ରକ୍ଷାକରେ । ଆଇନ ଓ ଶିକ୍ଷା ଏହି ଉଦ୍ଦେଶ୍ୟ ହାସଲ କରିବା ପାଇଁ ହେଉଛନ୍ତି ଔପଚାରିକ ମାଧ୍ୟମ ।
- ଆଧୁନିକ ସମାଜରେ ସାମାଜିକ ନିୟନ୍ତ୍ରଣ କରିବାରେ ରାଷ୍ଟ୍ରର ମହତ୍ତ୍ୱ ପୂର୍ଣ୍ଣ ଭୂମିକା ରହଛି । ତେବେ ରାଷ୍ଟ୍ର ଏଥିପାଇଁ ଶାନ୍ତି ପୂର୍ଣ୍ଣ ଭାବେ ବ୍ୟକ୍ତିମାନଙ୍କୁ ପ୍ରବର୍ତ୍ତାଇ ଥାଏ ଓ କେତେକ କ୍ଷେତ୍ରରେ ବଳ ପ୍ରୟୋଗ ମଧ୍ୟ କରିଥାଏ । ରାଷ୍ଟ୍ର, ସରକାରୀ ଏଜେନ୍ସି ତଥା ଅଧିକାରୀ ମାନଙ୍କ ମାଧ୍ୟମରେ କାର୍ଯ୍ୟ କରିଥାଏ । ଏହା ବିଭିନ୍ନ ସ୍ତର (ଯଥା - ଗ୍ରାମ, ଜିଲ୍ଲା ଓ ରାଜ୍ୟ) ରେ କାର୍ଯ୍ୟ କରିଥାଏ ।
- ପରିବାର, ପଡ଼ୋଶୀ ଓ ଜନମତ ମଧ୍ୟ ସାମାଜିକ ନିୟନ୍ତ୍ରଣକୁ ପ୍ରଭାବିତ କରିଥା'ନ୍ତି ।
- ଗ୍ରାମ୍ୟ ପରିବେଶରେ ପ୍ରଥା ଓ ପରିବାର ପରଂପରା ସାମାଜିକ ନିୟନ୍ତ୍ରଣ ପାଇଁ ଯଥେଷ୍ଟ ହେଲା ବେଳେ, ସହରୀକରଣ ଓ ବିବିଧତା ସାମାଜିକ ଲୋକଚରିତ୍ରକୁ ଜଟିଳ କରିଥିବା ଯୋଗୁଁ, ସହରରେ ସାମାଜିକ ନିୟନ୍ତ୍ରଣ, ରାଷ୍ଟ୍ର ଦ୍ୱାରା ସୃଷ୍ଟି ଆଇନ, କରିଥାଏ ।

## ପାଠ୍ୟାନ୍ତ ପ୍ରଶ୍ନାବଳୀ

୧. ସାମାଜିକ ନିୟନ୍ତ୍ରଣ କ'ଣ ? ଆମେ ସାମାଜିକ ନିୟନ୍ତ୍ରଣ କାହିଁକି ଦରକାର କରୁ ?

୨. ସାମାଜିକ ନିୟନ୍ତ୍ରଣର ଔପଚାରିକ ଓ ଅନୌପଚାରିକ ମାଧ୍ୟମ ମଧ୍ୟରେ ପ୍ରଭେଦ ଦର୍ଶାଅ ।

୩. ଲୋକରୀତି ଓ ଲୋକାଚାର ସାମାଜିକ ନିୟନ୍ତ୍ରଣରେ କିପରି ସାହାଯ୍ୟ କରନ୍ତି ।

୪. ସାମାଜିକ ନିୟନ୍ତ୍ରଣରେ ଧର୍ମର ଭୂମିକା ନିରୂପଣ କର ।

୫. ପ୍ରଥା ଓ ଆଇନ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

୬. ସାମାଜିକ ନିୟନ୍ତ୍ରଣରେ ରାଷ୍ଟ୍ରର କିପରି ଭୂମିକା ଥାଏ ?

୭. ଶିକ୍ଷା, ସାମାଜିକ ନିୟନ୍ତ୍ରଣରେ କିପରି ସାହାଯ୍ୟ କରେ ?

୮. ପରିବାର ଓ ପଡ଼ୋଶୀ, ସାମାଜିକ ନିୟନ୍ତ୍ରଣରେ କିପରି ଭୂମିକା ନିର୍ବାହ କରନ୍ତି ?

୯. ସାମାଜିକ ନିୟନ୍ତ୍ରଣ ରକ୍ଷାରେ ଜନମତର ଭୂମିକାର ମୂଲ୍ୟାଙ୍କନ କର ?



ଟୀପ୍ପଣୀ

## ପାରିଭାଷିକ ଶବ୍ଦାବଳୀ (GLOSSARY)

**୧. ଶ୍ରମ ବିଭାଜନ (Division of Labour) :** ଏକ ସାମାଜିକ ବ୍ୟବସ୍ଥାରେ ଥିବା ବିଭିନ୍ନ କାର୍ଯ୍ୟ ସୀମା । ଏହି ଧାରଣା, ପ୍ରଥମେ ମୁଖ୍ୟତଃ ଆର୍ଥିକ ଉତ୍ପାଦନର ଅଧ୍ୟୟନରେ ବ୍ୟବହାର କରାଯାଇଥିଲା ।

**୨. ସମୂହ (Group) :** ସମୂହ କହିଲେ ଏକ ସମାଜ ବ୍ୟବସ୍ଥା, ଯେଉଁଥିରେ ସଦସ୍ୟମାନଙ୍କ ମଧ୍ୟରେ ନିୟମିତ ଆନ୍ତଃ-କ୍ରିୟା ହୋଇଥାଏ ଓ ଏକ ସାଧାରଣ ସମୂହ- ପରିଚୟ ଥାଏ ।

**୩. ଆଧାତ୍ମ୍ୟ (Metaphysics) :** ଏହା ହେଉଛି ସମାଜର କ୍ରମ ବିକାଶରେ ଥିବା ଏକ ସ୍ତର ଯେଉଁଥିରେ ସମସ୍ତ ସାମାଜିକ ଘଟଣାବଳୀକୁ କିଛି ଅଂଶରେ ଅତିପ୍ରାକୃତିକ ଶକ୍ତି ଓ କେତେକାଂଶରେ ବିଜ୍ଞାନ ଆଧାରରେ ବ୍ୟାଖ୍ୟା କରାଯାଉଥିଲା ।

**୪. ପ୍ରାକ୍-ସାକ୍ଷର ସମାଜ (Pre-Literate Society) :** ଏହି ସମାଜରେ ଲେଖିବା ଓ ପଢିବାର ପରଂପରା ନଥାଏ । ଏହି ଶବ୍ଦ ମୁଖ୍ୟତଃ ଆଦିମ ସମାଜକୁ ଦର୍ଶାଇବା ପାଇଁ ବ୍ୟବହାର କରାଯାଇଥାଏ ।

**୫. ସହରୀ କରଣ (Urbanization) :** ଏହି ପ୍ରକ୍ରିୟାରେ ଜନସଂଖ୍ୟା, ସହରରେ ବଡ଼ ବଡ଼ ସମୁଦାୟରେ କେନ୍ଦ୍ରୀଭୂତ ହୋଇଥାଏ । ଏହି ସମୁଦାୟମାନେ ମୁଖ୍ୟତଃ ଅଣକୃଷିଭିତ୍ତିକ ଲକ୍ଷଣ ବହନ କରିଥା'ନ୍ତି ।

## ପାଠ୍ୟଗତ ପ୍ରଶ୍ନାବଳୀମାନଙ୍କର ଉତ୍ତର

**୨୦.୧**

୧. ସାମାଜିକ ନିୟନ୍ତ୍ରଣ : ଏହା ଦ୍ୱାରା ସମାଜ, ବ୍ୟକ୍ତି ବ୍ୟବହାରକୁ ପ୍ରତିମାନ ଓ ରୀତି ନୀତି ମାଧ୍ୟମରେ କିମ୍ବା ରାଷ୍ଟ୍ରର ବଳ ପ୍ରୟୋଗ ମାଧ୍ୟମରେ, ନିୟନ୍ତ୍ରିତ କରିଥାଏ ।

୨. (କ) ପ୍ରତିଷ୍ଠିତ ସାମାଜିକ ପ୍ରତିମାନ ଓ ମୂଲ୍ୟବୋଧକୁ ପାଥେୟ କରି; ଏବଂ

(ଖ) ବଳ ପ୍ରୟୋଗ କରି

**୨୦.୨**

(କ) ସତ୍ୟ, (ଖ) ମିଥ୍ୟା, (ଗ) ସତ୍ୟ

**୨୦.୩**

(କ) ଘନିଷ୍ଠ, (ଖ) ରାଷ୍ଟ୍ର, (ଗ) ପ୍ରଥା (ଘ) ସ୍ମିତହାସ୍ୟ


**୨୦.୪**

୧. ଲୋକରୀତି ହେଉଛି ସମାଜର ସେହିସବୁ ପ୍ରତିମାନ ଯାହାକୁ ଲୋକମାନେ ମାନନ୍ତି ।

୨. ଲୋକାଚାର ହେଉଛି ପ୍ରଥାଭିତ୍ତିକ କାର୍ଯ୍ୟକଳାପରୁ ଭିନ୍ନ ଏକ ପ୍ରକାରର ନୈତିକ ଆଚରଣ ।

୩. ପ୍ରଥା ହେଉଛି ଦୀର୍ଘ ଦିନ ଧରି ରହିଆସିଥିବା ଲୋକମାନଙ୍କର ଅଭ୍ୟାସର କାର୍ଯ୍ୟବିଧି ।

୪. ଧର୍ମ ହେଉଛି ବିଶ୍ୱାସ ଓ କାର୍ଯ୍ୟଧାରାର ସେହି ସବୁ ମିଳିତ ବ୍ୟବସ୍ଥା ଯାହା ପବିତ୍ର ବସ୍ତୁ ସହିତ ସଂପୃକ୍ତ ।



ଟୀପ୍ପଣୀ



**୨୦.୫**

୧. ଦଣ୍ଡର ଭୟ ଯୋଗୁଁ ଏବଂ ନିୟମ ଅନୁପାଳନର ଅଭ୍ୟାସ ଥିବା ହେତୁ ।

୨. ପ୍ରଥା, ଧର୍ମ, ବିଧେୟକ

୩. ସରକାରରେ ସେହିସବୁ ଏଜନ୍ସି ଓ ଅଧିକାରୀମାନେ ସାମିଲ ଥା'ନ୍ତି, ଯେଉଁମାନଙ୍କ ମାଧ୍ୟମରେ ରାଷ୍ଟ୍ର କାର୍ଯ୍ୟ କରିଥାଏ ।

୪. ପରଂପରାର ସମର୍ଥନ ଓ ସମୁହର ସାମାଜିକ ସ୍ୱୀକୃତି ପ୍ରାପ୍ତ କରିଥିବା ଯୋଗୁଁ ପ୍ରଥାମାନଙ୍କର ଆଦର ସମ୍ମାନ କରାଯାଉଥିବା ବେଳେ ବଳ ପ୍ରୟୋଗର ଲକ୍ଷଣ ବହନ କରିଥିବାରୁ ଆଇନର ପାଳନ କରାଯାଇଥାଏ ।

**୨୦.୬**

୧. (କ) ଅତି ମହତ୍ତ୍ୱ ପୂର୍ଣ୍ଣ

(ଖ) ଗୌଣ

(ଗ) ବ୍ୟକ୍ତିଗତ ଉଦ୍ୟମ

୨. (କ) ସମୁଦାୟର ସ୍ୱାର୍ଥକୁ ପ୍ରଭାବିତ କରୁଥିବା ପ୍ରସଙ୍ଗମାନଙ୍କ ଉପରେ ଲୋକମାନଙ୍କର ମତାମତର ସମଷ୍ଟିକୁ ଜନମତ କୁହାଯାଏ ।

(ଖ) ଜନମତର ବାହକମାନେ ବା ମାଧ୍ୟମମାନେ ହେଲେ ଖବର କାଗଜ, ରେଡ଼ିଓ, ଟେଲିଭିଜନ ଦୃଶ୍ୟ ଚିତ୍ର, ବିଧେୟକ, ପ୍ରଚାର ପତ୍ର ଏବଂ କାନ କୁହା କଥା ଇତ୍ୟାଦି ।